## ସଂକ୍ଷେପରେ

### ବିଲ ହୁଡ଼ାରୁ ମୃତଦେହ ଜବତ, ହତ୍ୟା ସନ୍ଦେହ

କୋଟଗଡ଼,୪।୯(ସରୋଜ ବଳିୟାରସିଂ)

କୋଟଗଡ଼ ଥାନା ଧରାକୋଟ ପଞ୍ଚାୟତର ସାଜେଲି ଗ୍ରାମର ବିଲ ହୁଡ଼ାରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ସାଜେଲିର ମନୋଜ ପ୍ରଧାନ। ମୃତ୍ୟୁର ରହସ୍ୟ ଜଣାପଡ଼ିନଥିବା ବେଳେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ କାଜଲ ପୂଜାରୀ କୋଟଗଡ଼ ଥାନାରେ ଅଭିଯୋଗ କରିଛନ୍ତି। କାଜଲଙ୍କ ଏତଲା ପ୍ରକାରେ, ମନୋଜ ଏକମାସ ପୂର୍ବେ କେରଳକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ମିଶି କାଜଲଙ୍କ ସହ ସମ୍ପର୍କ ସ୍ଥାପନ ପାଇଁ ବାଧ୍ୟ କରୁଥିଲେ। ଏହା ଜାଣିବାକୁପାଇ ମନୋଜ ଘରକୁ ଫେରିଥିଲା। ତା ପରେ ସ୍ତ୍ରୀ ନାଁରେ ଅପପ୍ରଚାର ଶୁଣିବାରୁ ଏଥିରେ ସମ୍ପୃକ୍ତ ଦୁଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ଗୁରୁବାର ୨ ଅଭିଯୁକ୍ତମାନେ ମନୋଜଙ୍କୁ ଘରୁ ଡାକିନେଇ ପ୍ରବଳ ମଦ ପିଆଇ କ୍ଷେତରେ ମାରି ଗଛରେ ଝୁଲାଇ ଦେଇଥିବା ସ୍ତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି। ଏତଲାକୁ ଅଧାର କରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉମୁଡ଼ିବନ୍ଧ ମେଡିକାଲ ପଠାଇଛି। ଏ ନେଇ ନଂ. ୧୧୨/୨୩ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଖୋଜୁଥିବା ବେଳେ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିବ ବୋଲି ଥାନା ଅଧିକାରୀ ପ୍ରଦୀପ କୁମାର ରାଉଳ କହିଛନ୍ତି ।

### ଆଇନଜୀବୀଙ୍କ ସୁରକ୍ଷା ପାଇଁ ଦାବିପତ୍ର

ଭଞ୍ଜନଗର,୪।୯(ବାବୁଲା ପ୍ରଧାନ)

କିଛିଦିନ ତଳେ ଗାଜିଆବାଦ ଠାରେ ଜଣେ ଆଇନଜୀବିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ତେଣୁ ଆଇନଜୀବୀଙ୍କ ସୁରକ୍ଷା ଦାବିନେଇ ଶୁକ୍ରବାର ଭଞ୍ଜନଗର ବାର୍ ଆସୋସିଏଶନ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ଉପଜିଲାପାଳ ଜ୍ୟୋତି ରଞ୍ଜନ ରାୟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ବାର୍ ଆସୋସିଏସନ ସଭାପତି ଅଭିମନ୍ୟୁ ଗୌଡ, ଉପସଭାପତି ରଜତ କୁମାର ଦାଶ, ସମ୍ପାଦକ ହରେକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ବାଚସ୍ପତିଙ୍କ ବିୟୋଗରେ ଶୋକସଭା

ଭଞ୍ଜନଗର,୪।୯(ବାବୁଲା ପ୍ରଧାନ)/ ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର)/ ପାରଳାଖେମୁଣ୍ଡି,(ଗିରିଧାରୀ ପରିଛା)

ଭଞ୍ଜନଗର ବାର୍ ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ସୋମବାର ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ବିୟୋଗରେ ଶୋକସଭା ହୋଇଥିଲା। ଶୋକସଭାରେ ବାର ଆସୋସିଏଶନ କର୍ମକର୍ତ୍ତା ସହ ବରିଷ୍ଠ ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ, ଦିବାକର ନାୟକ, ଅଳକା ମଞ୍ଜରୀ ପଟ୍ଟନାୟକ, ଅଶୋକ ଜେନା, ସନ୍ତୋଷ ନାୟକ, ସନ୍ତୋଷ ତିଆଡି ଓ ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ସଭାପତି ଲକ୍ଷ୍ମୀ ନାରାୟଣ ପାଢ଼ୀ, ସଂଘର ସମ୍ପାଦକ କୁରେଶୁ ପଣ୍ଡା, ଗିରିଜା ନନ୍ଦନ ମେକାପ, ସହ ସମ୍ପାଦକ ରାଜେନ୍ଦ୍ର କୁମାର ତ୍ରିପାଠୀ, ସରକାରୀ ଓକିଲ ନକୁଳ ପ୍ରଧାନ, ଆଇନଜୀବୀ ପ୍ରଭାକର ରାଉତ, ସୂର୍ଯ୍ୟନାରାୟଣ ସାହୁ, ଇପିଲି ଅର୍ଜୁନ, ଏ. ସୋମେଶ୍ୱର ରାଓ, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଅଶେଷ ନାଥ ମିଶ୍ର ଉପସ୍ଥିତ ଥିଲେ। ଗଜପତିରେ ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲାପରିଷଦ ସଭାପତି ଜି. ତିରୁପତି ରାଓ, ଏସଡିସି ଅଧ୍ୟକ୍ଷା ମୋରିୟମ ରଇତ, ସମସ୍ତ ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷା, ଜିଲା ବିଜେଡି ଯୁବ ସଭାପତି ଏସ.ଲିଙ୍ଗରାଜୁ, ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗ ଦେଇ ସମବେଦନା ଜଣାଇଛନ୍ତି ।

# ଆଇଆର୍‌ଇଏଲ୍ ପ୍ଲାଣ୍ଟ ଆଗରେ ଶ୍ରମିକଙ୍କ ଧାରଣା

ଛତ୍ରପୁର,୪।୯ (ସନ୍ତୋଷ ପାଢ଼ୀ)

ଭାରତୀୟ ବିରଳ ମୃର୍ତ୍ତିକା (ଆଇଆର୍‌ଇଏଲ) ପ୍ଲାଣ୍ଟରେ ସମସ୍ତ ବିଭାଗରେ ଥିବା ଠିକାଦାର ଓ ଅଧିକାରୀମାନଙ୍କ ମନମୁଖୀ କାର୍ଯ୍ୟର ବିରୋଧରେ ଶ୍ରମିକମାନେ ସୋମବାର ଧାରଣା ଦେଇଛନ୍ତି। ସେମାନଙ୍କୁ କାମ ଦେବା ବଦଳରେ ଛଟେଇ କରିବାକୁ ଧମକପୂର୍ଣ୍ଣ ନୋଟିସ ମିଳୁଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ ସହ ସମସ୍ୟାର ସମାଧାନ ପାଇଁ ଗତ ଶୁକ୍ରବାର ଗଞ୍ଜାମ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଆଇଆର୍‌ଇଏଲ ପ୍ଲାଣ୍ଟରେ ଥିବା ସମସ୍ତ ଠିକାଦାର ଓ ଅଧିକାରୀଙ୍କୁ ଭେଟି କାର୍ଯ୍ୟରୁ ଛଟେଇ ନ କରି କାମ ଯୋଗାଇବା ପାଇଁ ଶ୍ରମିକମାନଙ୍କ ପକ୍ଷରୁ ଦରଖାସ୍ତ ପ୍ରଦାନ କରାଯାଇଥିଲା। ୫ଦିନ ମଧ୍ୟରେ ସମସ୍ୟା ସମାଧାନ କରିବାକୁ ଦାବି କରାଯାଇଥିଲା। ଇତିମଧ୍ୟରେ ୫ ଦିନ ବିତି ଯାଇଥିଲେ ବି କର୍ତ୍ତୃପକ୍ଷ ଦରଖାସ୍ତ ଉପରେ କୌଣସି ନିଷ୍ପତ୍ତି ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ଯାହାଦ୍ୱାରା ଶ୍ରମିକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଅନ୍ୟ କୌଣସି ଆୟ ପନ୍ଥା ନ ଥିବାରୁ ପରିବାର ଚଳାଇବା କଷ୍ଟକର ହେଉଛି। କର୍ତ୍ତୃପକ୍ଷ ଆମମାନଙ୍କୁ କାମ ଯୋଗାଇବା ବଦଳରେ ହଇରାଣ କରୁଛନ୍ତି। ଚାକିରିରୁ ଛଟେଇ କରିଦେବେ ବୋଲି ଧମକ ଦେଉଛନ୍ତି । ଆମର କୌଣସି କ୍ଷତି ହେଲେ ଆଇଆରଇଏଲ କର୍ତ୍ତୃପକ୍ଷ ଓ ଠିକାଦାର ଦାୟୀ ରହିବେ ବୋଲି ଧାରଣାରତ ଶ୍ରମିକମାନେ କହିଛନ୍ତି ।



ଧାରଣାରେ ବସିଥିବା ଶ୍ରମିକମାନେ।

# ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୪।୯(ଗିରିଧାରୀ ପରିଛା)

ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନିଲକାନ୍ତ ମହାନ୍ତି, ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜି ଯୋଗଦେଇ ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, ବାଘଶାଳ, ରାଣୀପେଣ୍ଠ ଓ ସିଧମାଡ଼ଙ୍ଗା ପଞ୍ଚାୟତର ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୯୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୮୦ଟି ବ୍ୟକ୍ତିଗତ ଅଭିଯୋଗ, ୧୬ଟି ଗ୍ରାମଭିତ୍ତିକ ସମସ୍ୟାଭିତ୍ତିକ ଥିଲା। ୨୯ଟି ଅଭିଯୋଗକୁ ତୁରନ୍ତ ଫଇସଲା କରାଯାଇଛି । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର, ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ, ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ଓ ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ନର୍ମଦା ନାୟକ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଏନ୍‌ଏସି ଅଧ୍ୟକ୍ଷାଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ



ଅଧିକାରୀ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଆସିକା,୪।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସିର ୬ନଂ. ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଚାଳନାରେ ଦୀର୍ଘଦିନ ଧରି ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ ହୋଇ ଆସୁଛି। ସୋମବାର ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ଓ ସିଡିପିଓ ଭାଗ୍ୟଲତା ପାତ୍ର ଅଚାନକ ଏହି କେନ୍ଦ୍ର ପରିଦର୍ଶନ କରିଥିଲେ। ସେମାନେ ସଂପୃକ୍ତ ୱାର୍ଡରେ ଥିବା ମାତୃ କମିଟି, ଯାଞ୍ଚ କମିଟି ଓ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି କେନ୍ଦ୍ର ଦାୟିତ୍ୱରେ ଥିବା କର୍ମୀ ରିତିମତ ଅନୁପସ୍ଥିତ ରହୁଥିବା, ଆବଶ୍ୟକ କାଗଜପତ୍ର ଠିକ ପରିଚାଳନା କରାଯାଉ ନ ଥିବା ଓ ଶିଶୁଙ୍କୁ ଅଣ୍ଡା ଛତୁଆ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ମିଳିପାରୁ ନ ଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ରରେ ୧୭ଜଣ ଶିଶୁଙ୍କ ନାମ ପଞ୍ଜୀକରଣ ହୋଇଥିଲା ବେଳେ ପରିଦର୍ଶନ ବେଳେ ମାତ୍ର ୩ଜଣ ଶିଶୁ ରହିଥିବା ଦୃଷ୍ଟିକୁ ଆସିଥିଲା । ଏ ସମ୍ପର୍କରେ ସିଡିପିଓ ପାତ୍ରଙ୍କୁ ପଚାରିବାରେ ଭଞ୍ଜନଗର ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପରିଦର୍ଶନ କରାଯାଇଥିବା ଓ ସବିଶେଷ ତଥ୍ୟ ଉପଜିଲାପାଳଙ୍କୁ ପଠାଇବେ ବୋଲି କହିଛନ୍ତି।

### ନୂଆଦିଲ୍ଲୀରେ ଗଣତନ୍ତ୍ର ମହୋତ୍ସବରେ ଭାଗନେଲେ ଆରତୀ ଦେବୀ

ପୋଲସରା,୪।୯(ସୁବ୍ରତ ବେହେରା)– ନୂଆଦିଲ୍ଲୀସ୍ଥିତ ହାବିଟାଟ ସେଣ୍ଟରଠାରେ ଭାରତୀୟ ଗଣତନ୍ତ୍ର ପାଠଶାଳା ଦ୍ୱାରା ଆୟୋଜିତ ଗଣତନ୍ତ୍ର ମହୋତ୍ସବର ପ୍ୟାନେଲ ଆଲୋଚନାରେ ପୋଲସରା ବ୍ଲକ ତୁଙ୍ଗାପଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଆରତୀ ଦେବୀ ଭାଗ ନେଇଥିଲେ। 'ଭାରତରେ ତୃଣମୂଳ ରାଜନୀତିକୁ ମଜବୁତ କରିବା' ଶୀର୍ଷକ ଆଲୋଚନାରେ ଆରତୀ ଦେବୀଙ୍କ ସମେତ ବିହାର ରାଷ୍ଟ୍ରୀୟ ଜନତା ଦଳ ମୁଖପାତ୍ର ରିତୁ ଜୟସ୍ୱାଲ, ଭାରତ ସରକାରଙ୍କ ପଞ୍ଚାୟତ ରାଜ ବିଭାଗ ଉପଦେଷ୍ଟା ଡ଼କ୍ଟର ପି ପି ବାଲାନ, ଦିଲ୍ଲୀ ମୁନିସିପାଲିଟି କର୍ପୋରେଟର, ଡେପୁଟି ମେୟର ଅଲେୟ ମହମ୍ମଦ ଇକବାଲ ପ୍ରମୁଖ ଭାଗ ନେଇଥିଲେ। ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ ହେଉଛି କ୍ଷମତାର ବିକେନ୍ଦ୍ରିକରଣ ସହିତ ତୃଣମୂଳ ସ୍ତରରେ ପହଞ୍ଚାଇବା ବୋଲି ବକ୍ତାମାନେ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଆରତୀ ଦେବୀ ଓଡିଶା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମହିଳା ସଶକ୍ତିକରଣ କରି ସତୁରି ଲକ୍ଷ ମହିଳା ନିମନ୍ତେ ୫ହଜାର କୋଟିସ୍ୱତନ୍ତ୍ର ବଜେଟ କରି ଆର୍ଥିକ ଏବଂ ସାମାଜିକ କ୍ଷେତ୍ରରେ ନବୀନ ପଟ୍ଟନାୟକ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିବା କହିଥିଲେ।

# ଭାଜପା, କଂଗ୍ରେସ ଛାଡ଼ି ବିଜେଡିରେ ମିଶିଲେ ୪୨



ବିଧାୟକ ଓ ଅନ୍ୟଅତିଥିମାନେ।

ଦାରିଙ୍ଗବାଡି,୪।୯(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ସିମନବାଡି ଅଞ୍ଚଳରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳବାସୀ ବିଧାୟକଙ୍କୁ ବଜାର ନିକଟରେ ସ୍ୱାଗତ କରିବା ସହ ବିରାଟ ଶୋଭାଯାତ୍ରାରେ ଭାଗବତ ଟୁଙ୍ଗିରେ ପହଞ୍ଚାଇଥିଲେ। ସେଠାରେ ଭଗବତୀ ଟୁଙ୍ଗିର ଉନ୍ନତି ପାଇଁ ବିଧାୟକ ପାଣ୍ଠିରେ ୩ ଲକ୍ଷ ଟଙ୍କା ଅନୁଦାନ ରହିଥିବାରୁ ତାର ଭିତ୍ତି ପ୍ରସ୍ତର କରିଥିଲେ। ସେହିପରି ଜଗନ୍ନାଥ ମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରୁ ୮ ଲକ୍ଷ ଟଙ୍କା ଅନୁଦାନ ରହିଥିବା ବେଳେ ତାର ମଧ୍ୟ ଉନ୍ନତିକରଣ ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ଭିତ୍ତି ପ୍ରସ୍ତର କରିଥିଲେ। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁକଦେବ ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକରେ ଅଞ୍ଚଳର ଶ୍ରମିକ ସଙ୍ଘ ସମେତ ଭଗବତୀ ଟୁଙ୍ଗିର ଅନେକ ସଦସ୍ୟ, ଶ୍ରଦ୍ଧାଳୁ ଭାଜପା ଓ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ୧୨ଓ ପୁରୁଷ ୩୦ ରହିଛନ୍ତି। ସେହିପରି ସିମନବାଡି ପଞ୍ଚାୟତରେ ରହିଥିବା ବିଭିନ୍ନ ମନ୍ଦିର, ଚର୍ଚ୍ଚ, ସଭାଗୃହ, ଗମନାଗମନ ଆଦିର ବିକାଶ କରାଯାଉଛି ବୋଲି ବିଧାୟକ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ସରପଞ୍ଚ ଅମିତା ପ୍ରଧାନ, ସମିତିସଭ୍ୟ ସାଧୁ ନାୟକ ଓ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଦଳୀୟ କର୍ମୀ ମଞ୍ଚାସୀନ ଥିଲେ।

# ରାଜ୍ୟସ୍ତରୀୟ କଳା ଚୟନ ଉତ୍ସବ ଉଦ୍‌ଘାଟିତ

ଫିରିଙ୍ଗିଆ,୪।୯(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ଏକଲବ୍ୟ ବିଦ୍ୟାଳୟରେ ସୋମବାର ଦୁଇ ଦିନିଆ ଚତୁର୍ଥ ବାର୍ଷିକ ରାଜ୍ୟ କଳା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଫିରିଙ୍ଗିଆ ଏକଲବ୍ୟ ବିଦ୍ୟାଳୟର ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ଗୋଛାପଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଏବଂ ମୁଖ୍ୟବକ୍ତା ପ୍ରଶାନ୍ତ କୁମାର ଶତପଥୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଭିନ୍ନତା ମଧ୍ୟରେ ଏକତା ଭାରତ ସରକାର ଓ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିବା ବେଳେ ଓଡ଼ିଶା ସାଂସ୍କୃତିକ ଓ ପରମ୍ପରା ପ୍ରକାଶ କରିବାର ମାଧ୍ୟମ ଅଟେ। ଏହି କାର୍ଯ୍ୟକ୍ରମ ୨ ଦିନ ଧରି ଚାଲିବାକୁ ଥିବାବେଳେ ରାଜ୍ୟର ବିଭିନ୍ନ ଜିଲାରୁ ଏକଲବ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇ ନିଜର କଳା ପ୍ରଦର୍ଶନ କରିଥିଲେ। ନୃତ୍ୟ ଗୁରୁ ମଦନ ମୋହନ ଗଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଶୁକଦେବ ନାୟକ, ନୃତ୍ୟ ନାଟିକା ଗୁରୁ ସୁନୀଲ କୁମାର ନାୟକ, ଗୀତିକାର ଓ ନିର୍ଦ୍ଦେଶକ ରଞ୍ଜିତ କୁମାର ପଣ୍ଡା, ନୃତ୍ୟ ନିର୍ଦ୍ଦେଶକ ସୋନୁ ମହାରଣା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚୟନ ହୋଇଥିବା କଳାକାରମାନେ ଜାତୀୟ ସ୍ତରରେ ଡେରାଡୁନରେ ଅଂଶ ଗ୍ରହଣ କରିବେ ବୋଲି ଏକଲବ୍ୟ ବିଦ୍ୟାଳୟ ଅଧ୍ୟକ୍ଷ କୈଳାଶ ସିଂ ସୂଚନା ଦେଇଛନ୍ତି।

### ଅଖିଳ ଭାରତ କୃଷକ ସଭା ପକ୍ଷରୁ ଦାବିପତ୍ର ପ୍ରଦାନ

ପୋଲସରା,୪।୯(ସୁବ୍ରତ ବେହେରା)

ଅଖିଳ ଭାରତ କୃଷକ ସଭା ପୋଲସରା ଆଞ୍ଚଳିକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୬ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। କୃଷକ ସଭାର ସର୍ବ ଭାରତୀୟ ଦାବି ଦିବସ ଅବସରରେ ଏହି ଦାବି ପତ୍ର ପ୍ରଦାନ କରାଯାଇଛି। ସ୍ୱଳ୍ପ ବୃଷ୍ଟି କାରଣରୁ ଦେଖା ଦେଇଥିବା ଆସନ୍ନ ମରୁଡ଼ିର ମୁକାବିଲା ପାଇଁ ସରକାର ଆଗୁଆ ପଦକ୍ଷେପ ନେବା, ନଦୀ ବନ୍ଧ, ଭାଗଚାଷୀକୁ ଚାଷୀର ମାନ୍ୟତା ଦେବା ସହିତ ସମସ୍ତ ସୁବିଧା ଯୋଗାଇଦେବା ଆଦି ଦାବି ରହିଛି। ଦାବି ପତ୍ର ପ୍ରଦାନ ସମୟରେ ବରିଷ୍ଠ କୃଷକ ନେତା ଦଣ୍ଡପାଣି ସାମଲ, ଗଣପତି ସାହୁ, ଦୁର୍ଯ୍ୟୋଧନ ରାଉତ, ଜ୍ୟୋସ୍ନା ରାଣୀ ମହାରଣା, ଲକ୍ଷ୍ମୀ ପାତ୍ର, ରୁନୁ ସେଠୀ, ସୁନ୍ଦରୀ ନାହାକ, ସୀମା ପାତ୍ର, ମାଗି ନାହାକ, ଖଜା ନାହାକ, କଂଗ୍ରେସ ନାହାକ, ସଞ୍ଜୟ ପ୍ରଧାନ, ମାମି ସେଠୀ, ଅହଲ୍ୟା ସେଠୀ ଉପସ୍ଥିତ ଥିଲେ।

# ଡ୍ୟାମ୍‌ରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

ଦିଗପହଣ୍ଡି,୪।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବଡଗୁମୁଲା ପଞ୍ଚାୟତ କହ୍ନେଇ ନାଳ ଡ୍ୟାମରୁ ସୋମବାର ସକାଳେ ଜଣେ ଯୁବକଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ସେ ହେଲେ ବଡ଼ଗୁମୁଲା ପଞ୍ଚାୟତ ଛଣବଗଡ ଗ୍ରାମର ସୁରେନ୍ଦ୍ର ମଲ୍ଲିକ। ଶନିବାର ଅପରାହ୍ନରେ ଗାଁ ନିକଟସ୍ଥ କହ୍ନେଇ ନାଳ ଡ୍ୟାମ୍‌କୁ ସେ ଗାଧୋଇବା ପାଇଁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ସମୟ ଧରି ଖୋଜା ଖୋଜି କରିବା ପରେ ମଧ୍ୟ ସୁରେନ୍ଦ୍ରଙ୍କ ସନ୍ଧାନ ମିଳି ନ ଥିଲା। ଏନେଇ ଗ୍ରାମବାସୀ ଚିକିଟି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଚିକିଟି ଓ ଦିଗପହଣ୍ଡି ଅଗ୍ନିଶମ ବିଭାଗ କର୍ମଚାରୀ ଶନିବାର ଓ ରବିବାର ମିଳିତ ଭାବେ ଡ୍ୟାମ୍‌ରେ ଖୋଜାଖୋଜି କରିଥିଲେ ମଧ୍ୟ ସୁରେନ୍ଦ୍ରଙ୍କ କୌଣସି ପତ୍ତା ମିଳି ପାରି ନ ଥିଲା। ସୋମବାର ସକାଳୁ ଅଗ୍ନିଶମ କର୍ମଚାରୀମାନେ ପୁଣିଥରେ ଡ୍ୟାମର ଅପରପାର୍ଶ୍ୱରେ ଥିବା ଏକ ଗଣ୍ଡକୁ ଯାଇ ଖୋଜାଖୋଜି କରିଥିଲେ। ଅଗ୍ନିଶମ ବାହିନୀର ଅକ୍ଲାନ୍ତ ପରିଶ୍ରମ ପରେ ଶେଷରେ ସୁରେନ୍ଦ୍ରଙ୍କୁ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାପରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ଥାନା ପୋଲିସ ମୃତଦେହକୁ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ସିଏସ୍‌ପି କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

କବିସୂର୍ଯ୍ୟନଗର,୪।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନ୍‌ଏସି ଓ ବ୍ଲକ ଅଧୀନରେ ଥିବା ସମସ୍ତ ଗ୍ରାହକ ସେବାକେନ୍ଦ୍ରଗୁଡିକ (ସିଏସ୍‌ପି ) ଦୀର୍ଘ ୧୨ବର୍ଷ ହେଲା ବିଭିନ୍ନ ଜନହିତକର କାର୍ଯ୍ୟ କରି ଆସୁଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା ଜନଧନ ଯୋଜନା, ମମତା ଯୋଜନା, ମଧୁବାବୁ ଯୋଜନା, ବିଜୁ ପକ୍କାଘର, ମୋ କୁଡିଆ, ମିଶନଶକ୍ତି ଖାତା, ମୋ ସ୍କୁଲ, କାଳିଆ ଯୋଜନା, ଧାନମଣ୍ଡି, ପିଏମ କିଷାନ, ଉଜ୍ଜଳା, ଆବାସ, ସୁରକ୍ଷା ବୀମା, ଜୀବନ ଜ୍ୟୋତି, ଅଟଳ ପେନସନ ଆଦି ନିମନ୍ତେ ହିତାଧିକାରୀଙ୍କୁ ସେବା ଯୋଗାଇ ଦେଇ ଆସୁଛନ୍ତି। ମାତ୍ର ସିଏସପିରେ କାର୍ଯ୍ୟରତ କର୍ମଚାରୀଙ୍କୁ ମିଳୁଥିବା ପେନସନରେ ପରିବାର ପ୍ରତିପୋଷଣ କରିବା ମୁସ୍କିଲ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ସରକାର ସୁବିଧା ଦେବା ପରିବର୍ତ୍ତେ ନୂତନ ଭାବେ ସିଏସପି ପ୍ଲସ ଖୋଲିବା ଫଳରେ ସିଏସପି କର୍ମଚାରୀମାନେ ଜୀବନ ଜୀବିକା ହରାଇବେ । ସରକାର ଯଦି ଏଭଳି କାର୍ଯ୍ୟରୁ ନିବୃତ୍ତ ନ ରହନ୍ତି ତେବେ ସମସ୍ତ ସିଏସପି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ବାବଦରେ ସମସ୍ତ ସିଏସପି କର୍ମଚାରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ସିଏସ୍‌ପି କର୍ମଚାରୀମାନେ।

# ଡା. ସୁରେନ୍ଦ୍ର ରଥଙ୍କ ବିୟୋଗରେ ଶୋକ

ପାରଳାଖେମୁଣ୍ଡି, ୪।୯(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ସହରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ସୁରେନ୍ଦ୍ର କୁମାର ରଥଙ୍କ ବିୟୋଗରେ ଗଜପତିବାସୀ ସ୍ତବ୍ଧ ହୋଇପଡିଛନ୍ତି । ଡା. ରଥ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ ଆରମ୍ଭ ପରଠାରୁ ରୋଗୀ ସେବାର ଚିତ୍ର ବଦଳିଯାଇଥିଲା। ସେ ଦିନ ରାତ୍ର ରୋଗୀଙ୍କ ନିକଟରେ ପହଞ୍ଚି ଚିକିତ୍ସା କରୁଥିଲେ। ପାରଳାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟର ପରିଚାଳନା ସଭିଏଁଙ୍କୁ ଜଣା ଅଧିକା ଜଣା। ଡାକ୍ତରଙ୍କ ଘୋର ଅଭାବ ସାଙ୍ଗକୁ ଥିବା ଡାକ୍ତର ଅନୁପସ୍ଥିତ ହେଉଥିବା ଖବର ବିଭିନ୍ନ ସମୟରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ମଧ୍ୟ ହୋଇଛି। ହେଲେ ଏପରି ପରିସ୍ଥିତିରେ ଡାକ୍ତର ସୁରେନ୍ଦ୍ର ରଥ ହିଁ ଉପସ୍ଥିତ ରହୁଥିଲେ। ତାଙ୍କ ଛାତ୍ର ଜୀବନ ପାରଳାଖେମୁଣ୍ଡିଠାରେ କଟିଛି । ଉଭୟ ସ୍କୁଲ ଓ କଲେଜରେ ଅଧ୍ୟାପନା କରିଥିଲେ। ସେ ମାଟ୍ରିକ ବ୍ୟାଚରେ ଟପ୍ପର ହୋଇ ସେତେବେଳେ ମେଧାବୀ ଛାତ୍ର ଭାବେ ଆୱାର୍ଡ ପାଇଥିଲେ । ଗଜପତି ଜିଲାର ଦୁର୍ଗମ ଅଞ୍ଚଳର ଲୋକେ ମଧ୍ୟ ତାଙ୍କୁ ରଥ ଡାକ୍ତର ଭାବେ ଜାଣିଥିଲେ । ଡା. ରଥଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ସାରା ଜିଲା ଓ ପାରଳା ସହରରେ ସମସ୍ତେ ମର୍ମାହତ ହେଇଛନ୍ତି।

# ଘୁମୁସର ଜିଲା ଦାବି ଆନ୍ଦୋଳନରେ ଛାତ୍ରୀଛାତ୍ର ସାମିଲ

ଭଞ୍ଜନଗର,୪।୯(ବାବୁଲା ପ୍ରଧାନ)

ଘୁମୁସର ଜିଲା ଦାବି ଆନ୍ଦୋଳନ ୧୯୯୩ରୁ ଆରମ୍ଭ ହୋଇଛି। ଏହା ବର୍ତ୍ତମାନ ସୁଦ୍ଧା ଚାଲିଛି। କିନ୍ତୁ ସରକାର ଦାବି ପ୍ରତି ଗୁରୁତ୍ୱ ଦେଉ ନ ଥିବା ବେଳେ ସୋମବାର ଘୁମୁସର ବାହିନୀ ପକ୍ଷରୁ ଜଗନ୍ନାଥପ୍ରସାଦ ବ୍ଲକ କଳିଙ୍ଗପଦର ଅଚ୍ୟୁତାନନ୍ଦ ଆଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଘୁମୁସର ଜିଲା ଦାବି ଉପରେ ଆନ୍ଦୋଳନ ହୋଇଥିଲା। ଛାତ୍ରୀଛାତ୍ରମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୨୬୦ ଖୋଲା ଚିଠି ଲେଖିଥିଲେ। ଘୁମୁସର ବାହିନୀର ଜଗନ୍ନାଥପ୍ରସାଦ ବ୍ଲକ କର୍ମକର୍ତ୍ତା କେଶବ ବାରିକ ଏବଂ ଭଞ୍ଜନଗରର ଅରକ୍ଷିତ ପରିଚ୍ଛାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ସେହିଭଳି ଘୁମୁସର ଜିଲା ଦାବି କ୍ରିୟାନୁଷ୍ଠାନ କମିଟି ଏବଂ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମିଳିତ ଭାବେ ସୋମବାର ଘୁମୁସର ଜିଲା ଦାବି ଆନ୍ଦୋଳନ ଇତିହାସ ପୁସ୍ତିକା ଉନ୍ମୋଚିତ ହୋଇଯାଇଛି। ଏହାକୁ ଉପଜିଲାପାଳ ଜ୍ୟୋତିରଞ୍ଜନ ରାୟ ଉନ୍ମୋଚିତ କରିଥିଲେ। ଉକ୍ତ ପୁସ୍ତକରେ ୧୯୯୩ରୁ ୨୦୧୦ ପର୍ଯ୍ୟନ୍ତ ଘୁମୁସର ଜିଲା ଘୋଷଣା ପାଇଁ ଯେଉଁ ସବୁ ଆନ୍ଦୋଳନ ଚାଲିଥିଲା ତାରି ଉପରେ ପୁସ୍ତକରେ ଲେଖାଯାଇଛି। ପୁସ୍ତକ ଉନ୍ମୋଚନ ସମୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉକ୍ତ ପୁସ୍ତକର ସଂକଳକ ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ ଏବଂ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଜିଲା ଆନ୍ଦୋଳନ ଦାବି ଇତିହାସ ପୁସ୍ତିକା ଉନ୍ମୋଚିତ




ଛାତ୍ରୀଛାତ୍ରମାନେ ଘୁମୁସର ଜିଲା ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଚାନ୍ଦିପୁଟ,୪।୯ (କେ ପ୍ରମୋଦ କୁମାର ଦୋରା)

ଗଜପତି ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକୁଲିପଦର ଠାରେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଗତ ୩ ଓ ୪ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ମୋହନା ଗୋଷ୍ଠି ଉନ୍ନୟନ ଅଧିକାରୀ ତପସ୍ୱିନୀ ହାଁସଦା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ମୋହନା ଗୋଷ୍ଠି ଶିକ୍ଷାଅଧିକାରୀ ନରେନ୍ଦ୍ର କୁମାର ବେହେରା ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ଦେବୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ୪୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ମୋହନା ଗୋଷ୍ଠି ଉନ୍ନୟନ ଅଧିକାରୀ ତପସ୍ୱିନୀ ହାଁସଦା ପୁରସ୍କୃତ କରିବା ସହ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କୃତି ଛାତ୍ରୀଛାତ୍ରଙ୍କୁ ବ୍ଲକ୍ ସ୍ତରରୁ ଜିଲା ସ୍ତର ଖେଳିବା ପାଇଁ ସୁଯୋଗ ମିଳିଛି ଏବଂ ଜିଲା ସ୍ତରରୁ କୃତକାର୍ଯ୍ୟ ହେଲେ ରାଜ୍ୟ ସ୍ତରରେ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ଏମ ରାଜେନ୍ଦ୍ର କୁମାର ଦୋରା ଏବଂ ଅନ୍ୟାନ୍ୟ ସ୍କୁଲ୍‌ରୁ ଆସିଥିବା କ୍ରୀଡ଼ା ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

**ଯୁବକଙ୍କ ଆତ୍ମହତ୍ୟା**

**ହିଞ୍ଜିଳିକାଟୁ,(ଦ୍ୱିତୀକୃଷ୍ଣ ପଣ୍ଡା):** ହିଞ୍ଜିଳି ଥାନା ଅନ୍ତର୍ଗତ ପୋଟିଳିମା ଗ୍ରାମରେ ସୋମବାର ଡି ରାଜେଶ(୨୪) ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ନଂ. ୧୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

## ସଂକ୍ଷେପରେ

### ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର,୪।୯ (ସୁବାସ ଚନ୍ଦ୍ର ପାଢ଼ୀ)**

ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ପୋଲସରା ଅଞ୍ଚଳର ସାଗର ସ୍ୱାଇଁଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସାଗର ଜଣେକା ୧୬ବର୍ଷର ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ନାବାଳିକାଙ୍କ ଇଛା ବିରୋଧରେ ତାଙ୍କୁ ସେ ବାରମ୍ବାର ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ବାପା ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୪୬/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୀଡ଼ିତାଙ୍କ ବୟାନ ଆଧାରରେ ସାଗରଙ୍କୁ ବଳାତ୍କାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନ ପାଇଥିଲେ। କୋର୍ଟରେ ଉକ୍ତ ମାମଲାର ବିଚାର ବେଳେ ସେ ହାଜର ହୋଇ ନ ଥିଲେ। କୋର୍ଟ ସାଗରଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଜାରି କରିଥିଲା। ପୋଲିସ ୱାରେଣ୍ଟ ବଳରେ ସାଗରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଜେଲରେ ଥିବା ସାଗରଙ୍କୁ କଡା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସଂଗ୍ରାମ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

### ସୂର୍ଯ୍ୟ ପାତ୍ରଙ୍କ ବିୟୋଗରେ କୋର୍ଟ କାର୍ଯ୍ୟବନ୍ଦ

**ବ୍ରହ୍ମପୁର, ୪।୯ (ସୁବାସ ଚନ୍ଦ୍ର ପାଢ଼ୀ)**

ଆଇନଜୀବୀ ତଥା ପୂର୍ବତନ ବାଚସ୍ପତି ଡ଼. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ସୋମବାର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିସହ ଓକିଲ ସଂଘ ତରଫରୁ ଜିଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡିକରେ ୧ ଘଣ୍ଟା ପାଇଁ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଓକିଲ ସଂଘ ସଭାପତି ମିନତୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ଆଇନଜୀବୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସନ୍ତାପ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି। ସଭାରେ ସଂଘ ସମ୍ପାଦକ ଶିବ ନାରାୟଣ ସାହୁ, ଉପ ସଭାପତି ଏମ. ଚନ୍ଦ୍ରଶେଖର, ଯୁଗ୍ମ ସମ୍ପାଦକ ତାପସ କୁମାର ସାହୁଙ୍କ ସମେତ ଆଇନଜୀବୀ ନିର୍ମଳ ସାହୁ, ମନୋଜ ପଟ୍ଟନାୟକ, ଶିତାଂଶୁ ଶେଖର ପଣ୍ଡା, ଜଗନ୍ନାଥ ସାବତ, ପ୍ରଦୀପ କୁମାର ବେହେରା, କୁନାଲ ସାହୁ, ସଞ୍ଜୀବ ପାଣିଗ୍ରାହୀ, ରାଜେନ୍ଦ୍ର ଦାସ, କରୁଣାକର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ଏମ୍‌କେସିଜିକୁ ମହିଳାଙ୍କ ଚକ୍ଷୁଦାନ

**ବ୍ରହ୍ମପୁର,୪।୯(ସୁବାସ ଚନ୍ଦ୍ର ପାଢ଼ୀ)**

ଫ୍ରେଣ୍ଡସ୍ ହେଲ୍ପିଂ କ୍ଲବ ସହଯୋଗରେ ଏମ୍‌କେସିଜି ମେଡିକାଲ ଚକ୍ଷୁ ବିଭାଗକୁ ପୁଣି ଜଣେ ମହିଳାଙ୍କ ଚକ୍ଷୁଦାନ କରାଯାଇଛି। ଗାନ୍ଧିନଗରରେ ରହୁଥିବା ସପ୍ପା ରାଜେଶ୍ୱରୀ



(୮୬)ଙ୍କ ସୋମବାର ମୃତ୍ୟୁ ପରେ ପରିବାରବର୍ଗ ଚକ୍ଷୁଦାନ କରିବାକୁ ଇଚ୍ଛା କରିଥିଲେ। ଫ୍ରେଣ୍ଡସ୍ ହେଲ୍ପିଂ କ୍ଲବ ତରଫରୁ କେ.ପି .କେ. ସୁବୁଦ୍ଧି ଓ ମୃତା ମହିଳାଙ୍କ ସମ୍ପର୍କୀୟଙ୍କ ଏଥିରେ ସହଯୋଗ କରିଥିଲେ। ଏମକେସିଜି ମେଡିକାଲର ଚକ୍ଷୁ ବିଭାଗ ଡାକ୍ତର ପିୟୁସ ଜୈନ, ଡାକ୍ତର ଅଙ୍କିତା ମିଶ୍ର ଓ ଡାକ୍ତର ପ୍ରଜ୍ଞାନ ପଣ୍ଡାଙ୍କ ଦ୍ୱାରା ମୃତା ରାଜେଶ୍ୱରୀଙ୍କ ଚକ୍ଷୁ ସଂଗ୍ରହ କରାଯାଇଥିଲା। ଏହି ସମୟରେ ମହିଳାଙ୍କ ସ୍ୱାମୀ, ୨ ପୁଅ ଚନ୍ଦ୍ରଭୂଷଣ, ଭେଙ୍କଟ ରମଣା ଓ ୩ ଝିଅ କେ. ଶୋଭା, ଏମ.ଲକ୍ଷ୍ମୀ ଓ ଟି. ରମାଦେବୀ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ଚକ୍ଷୁଦାନ ପାଇଁ ସ୍ୱର୍ଗତ ରାଜେଶ୍ୱରୀଙ୍କ ପରିବାରବର୍ଗଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି। ଚକ୍ଷୁଦାନ ସମୟରେ କ୍ଲବ୍ ତରଫରୁ କେ.ପି. କେ ସୁବୁଦ୍ଧି, ଭି. ବଳରାମ ରାଜୁ, ଇ. ଜଗଦୀଶ୍ୱର ରାଓ, ସି.ଏଚ୍ ଶିବପ୍ରସାଦ, ଭି. ଭେଙ୍କଟରତ୍ନରାଜୁ, ଇ.ଲକ୍ଷ୍ମୀନାରାୟଣ, ଜାମୁଲା ସୁରେଶ ଉପସ୍ଥିତ ଥିଲେ। ଫ୍ରେଣ୍ଡସ୍ ହେଲ୍ପିଂ କ୍ଲବର ସହଯୋଗରେ ଚଳିତବର୍ଷର ଏହା ହେଉଛି ୧୯ତମ ଚକ୍ଷୁଦାନ ବୋଲି ସୂଚନା ଦିଆଯାଇଛି।

# ଲୋଚାପଡ଼ା ଶକ୍ତିନଗର ରାସ୍ତା ଶୋଚନୀୟ



ଶକ୍ତି ନଗରରେ ଶୋଚନୀୟ ରାସ୍ତା।

**ବ୍ରହ୍ମପୁର,୪।୯(ସ୍ମୃତି ରଞ୍ଜନ ମହାଲିକ)**

ବ୍ରହ୍ମପୁର ସହର ରାସ୍ତା ଉନ୍ନତୀକରଣ ହେଉଥିବା ବେଳେ ସହର ଉପକଣ୍ଠସ୍ଥ କେତେକ ସାହିରେ ପକ୍କା ରାସ୍ତା ନ ଥିବା କାରଣରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋପାଳପୁର ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ଲୋଚାପଡା ପଞ୍ଚାୟତ ଅଧୀନସ୍ଥ ଶକ୍ତି ନଗର ପ୍ରଥମ ଲେନରେ ଏଭଳି ସ୍ଥିତି ଦେଖାଯାଇଛି।

ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମକୁ ପକ୍କାରାସ୍ତା ନିର୍ମାଣ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ୧୦ରୁ ଉର୍ଦ୍ଧ୍ୱ ହେଲା ଶକ୍ତି ନଗର ଅଞ୍ଚଳରେ ପକ୍କାରାସ୍ତା ନିର୍ମାଣ ହୋଇପାରି ନାହିଁ। ଦିନକୁ ଦିନ ଏହି ଅଞ୍ଚଳରେ ଜନବସତି ବୃଦ୍ଧି ପାଉଥିବା ବେଳେ ଉତ୍ତମ ରାସ୍ତା ପାଇଁ ଲୋକ ପ୍ରତିନିଧିମାନେ କୌଣସି ଆନ୍ତରିକତା ଦେଖାଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ମୁତାବକେ, ଅଞ୍ଚଳରେ ଦିନକୁ ଦିନ ଘର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଅଞ୍ଚଳର ଭିତ୍ତିଭୂମିର ବିକାଶ ହୋଇପାରିନାହିଁ। ବାସିନ୍ଦାମାନେ ଘର କରିବା ସମୟରେ ନିଜସ୍ୱ ଉଦ୍ୟମରେ ଡ୍ରେନ୍ କରିଥିଲେ। କିନ୍ତୁ ଅନ୍ୟ ସାହି ଗୁଡିକରରେ ଡ୍ରେନ ହୋଇ ନ ଥିବା କାରଣରୁ ଡ୍ରେନେଜ ସଂଯୋଗୀକରଣ ହୋଇପାରିନାହିଁ। ଫଳରେ ବର୍ଷାଜଳ ସାଙ୍ଗକୁ ଆବର୍ଜନା ପାଣି ମଧ୍ୟ ନିଷ୍କାସନ ହୋଇପାରୁ ନାହିଁ। ଅନ୍ୟପଟେ ଦୀର୍ଘ ଦିନ ଧରି ପକ୍କା ରାସ୍ତା ନିର୍ମାଣ ହୋଇପାରି ନାହିଁ। ମାଟି ରାସ୍ତା ବର୍ଷାଦିନେ କାଦୁଅ ପଚ ପଚ ହେଉଛି। ବର୍ଷା ଓ ଆବର୍ଜନା ଜଳ ରାସ୍ତା ମଝିରେ ଦୀର୍ଘ ଦିନ ଧରି ଜମି ରହିବା କାରଣରୁ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଉକ୍ତ ଅଂଚଳରେ କମ ସଂଖ୍ୟକ ଷ୍ଟ୍ରିଟ ଲାଇଟ ରହିଥିବାରୁ ରାତ୍ରି ସମୟରେ ଅଞ୍ଚଳଟି ସଂପୂର୍ଣ୍ଣ ଅନ୍ଧକାର ରହୁଛି। ଯଥାଶୀଘ୍ର ରାସ୍ତା ମରାମତି ସାଙ୍ଗକୁ ସାହି ଗୁଡିକରେ ଡ୍ରେନ ନିର୍ମାଣ କରିବା ପାଇଁ ଦାବି ହୋଇଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଏଲ ମୋହନ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ମରାମତି ନେଇ ପ୍ରଥମେ ପୂର୍ତ୍ତ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହା ପୂର୍ତ୍ତ ବିଭାଗ ଅଧୀନରେ ଯାଉ ନ ଥିବା କାରଣରୁ ପଞ୍ଚାୟତ ପକ୍ଷରୁ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁଇ ପରିବାର ସଂଘର୍ଷ, ୨ ସମ୍ପର୍କୀୟ ଭାଇ ମୃତ

**କବିସୂର୍ଯ୍ୟନଗର (କୃପାସିନ୍ଧୁ ସ୍ୱାଇଁ)/ବ୍ରହ୍ମପୁର (ସୁବାସ ଚନ୍ଦ୍ର ପାଢ଼ୀ),୪।୯**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ପଙ୍କଲବାଡ଼ି ଗ୍ରାମରେ ସୋମବାର ରାତିରେ ଦୁଇ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ପରିବାରର ୨ ସମ୍ପର୍କୀୟ ଭାଇଙ୍କ ମତ୍ୟୁ ଘଟିଛି। ସେମାନେ ହେଲେ ସୁନାରିଝୋଲା ଗ୍ରାମର ମିଥୁନ ଭୂୟାଁ (୩୦) ଓ ତାଙ୍କ ମାଉସୀ ପୁଅ ଭାଇ ହିଞ୍ଜିଳିକାଟୁ ଥାନା ନୂଆଗଁତ ଗ୍ରାମର ଲିପୁନ ସ୍ୱାଇଁ (୨୮)।

ପ୍ରକାଶ ଯେ, ସୁନାରିଝୋଲା ପଞ୍ଚାୟତ ପଙ୍କଲବାଡ଼ି ଗ୍ରାମରେ ରହୁଥିବା ୨ ସମ୍ପର୍କୀୟ ଭାଇ ଜାନକୀ ଭୂୟାଁ ଓ ମିଥୁନ ଭୂୟାଁଙ୍କ ପରିବାର ମଧ୍ୟରେ ବିଭିନ୍ନ କାରଣକୁ ନେଇ ପୂର୍ବରୁ ଗଣ୍ଡଗୋଳ ଲାଗି ରହୁଥିଲା। ମିଥୁନଙ୍କୁ ଆକ୍ରମଣ କରି ଜାନକୀ ଓ ତାଙ୍କ ପୁଅ ଜେଲ



ପଙ୍କଲବାଡି ଗ୍ରାମରେ ପୋଲିସ ଟିମ୍ ।

ଯାଇଥିଲେ। କିଛିଦିନ ତଳେ ଉଭୟେ ଜେଲରୁ ଫେରିବା ପରେ ପ୍ରତିଶୋଧ ନେବାପାଇଁ ସୁଯୋଗ ଖୋଜୁଥିଲେ। ସୋମବାର ସନ୍ଧ୍ୟାରେ ମିଥୁନ ଓ ତାଙ୍କ ମାଉସୀ ପୁଅ ଭାଇ ଲିପୁନ କବିସୂର୍ଯ୍ୟନଗରରୁ ବାଇକ ଯୋଗେ ପଙ୍କଲବାଡି ଫେରୁଥିବା ବେଳେ ଜାନକୀ ଓ ତାଙ୍କର କେତେଜଣ ସହଯୋଗୀ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ। ଦୁଇ ଭାଇଙ୍କ ଶରୀରର ବିଭିନ୍ନ ସ୍ଥାନରେ ଖଣ୍ଡା ଚୋଟ ପଡ଼ିଥିବାରୁ ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ମିଥୁନ ଓ ଲିପୁନଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ପୋଲିସ ପହଞ୍ଚିଛି। ଆକ୍ରମଣ ପ୍ରତିଆକ୍ରମଣରେ ଆଉ ୨ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ହେପାଜତରେ ରଖିଛି। ଆକ୍ରମଣକାରୀ ଖସି ପଳାଇଛନ୍ତି। ଗାଁ ପୁରୁଷ ଶୂନ୍ୟ ହୋଇଛି। ପଙ୍କଲବାଡି ଗ୍ରାମରେ ପୋଲିସ ଛାଉଣୀ ହୋଇଛି।

## ବ୍ୟାଙ୍କରେ ଲିଙ୍କ୍ ଫେଲ୍‌ରୁ ଗ୍ରାହକ ହନ୍ତସନ୍ତ

**ରାମଗିରି,୪।୯(ବୃନ୍ଦାବନ ଗୌଡ଼)**

ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖାରେ କିଛିଦିନ ହେଲା ଲିଙ୍କ ସମସ୍ୟା ଦେଖାଦେଇଛି। ଏହି ବ୍ୟାଙ୍କ ଉପରେ ନୂଆଗଡ ଏବଂ ରାୟଗଡ ବ୍ଲକର ଲୋକେ ନିର୍ଭରଶୀଳ ଥିବା ବେଳେ ଦୂର ଦୂରାନ୍ତରୁ ଆସୁଥିବା ଜମାକାରୀ, ଏନଆରଇଜିଏସର ଲେବର ପେମେଣ୍ଟ ଏବଂ ବିଭିନ୍ନ ଭତ୍ତା ହିତାଧିକାରୀ ଓ ଏସଏଚଜି ସଭ୍ୟାମାନେ ଟଙ୍କା ଉଠେଇବା କିମ୍ବା ବାନ୍ଧିବାରେ ସମସ୍ୟା ଦେଖାଦେଇଛି। ବ୍ୟାଙ୍କକୁ ଆସୁଥିବା ଲୋକ ମାନଙ୍କୁ ଲିଙ୍କ ନ ଥିବା ପୂର୍ବରୁ ଜଣାଯାଉନାହିଁ କି ଲିଙ୍କ ଫେଲ ସୂଚନା ଫଳକ ଲଗାଯାଉନାହିଁ। ଏ ବାବଦରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମ୍ୟାନେଜର ଅପରେଶନ ଦାୟିତ୍ୱରେ ଥିବା ଚିତ୍ତ ରଞ୍ଜନ ବେଉରିଆଙ୍କୁ ପଚାରିବାରୁ ପୁରୁଣା ଭର୍ସନକୁ ବାହାର କରି ଜିଓ ନେଟୱାର୍କ ଜରିଆରେ କେଡିୟୁ –୧ ଭର୍ସନରେ କାର୍ଯ୍ୟ ଚାଲିଛି। ଏହା ଉପରେ ଅଧିକ ତଦାରଖ କରି ଜଣେଇବେ ବୋଲି କହିଛନ୍ତି।

## ଘର ଦେବା ନାଁରେ ୧୬ ଲକ୍ଷ ଠକେଇ

**ବ୍ରହ୍ମପୁର,୪।୯(ସୁବାସ ଚନ୍ଦ୍ର ପାଢ଼ୀ)**

ଘର ଦେବେ ବୋଲି କହି ଜଣେ ବିଲ୍ଡର ଜଣେ ମହିଳାଙ୍କ ଠାରୁ ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ନେଇ ବୈଦ୍ୟନାଥପୁର ଥାନାରେ ସେ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବଡବଜାର ଥାନା ଅନ୍ତର୍ଗତ ଶାର୍ଗୁଣା ସାହିରେ ରହୁଥିବା ଜ୍ୟୋସ୍ନାରାଣୀ ପାଢ଼ୀଙ୍କୁ ପୁରୀରେ ଘର କ୍ରୟ କରିବାର ଥିଲା। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ନିକଟରେ ଥିବା ଏକ ବିଲ୍ଡର ପୁରୀରେ ଘର କରିଦେବେ ବୋଲି ଜ୍ୟୋସ୍ନାରାଣୀଙ୍କୁ ସାକ୍ଷାତ କରି ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ବିଲ୍ଡର ୨୦୧୧ରୁ ୨୦୧୪ ମଧ୍ୟରେ ସମ୍ପୃକ୍ତ ମହିଳାଙ୍କ ନିକଟରୁ ପର୍ଯ୍ୟାୟକ୍ରମେ ଚେକ ମାଧ୍ୟମରେ ୧୬ଲକ୍ଷ ୭୨,୭୨୦ ଟଙ୍କା ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ବିଲ୍ଡର ଜଣଙ୍କ ମହିଳାଙ୍କୁ ଘର ଦେଇପାରିନଥିଲେ। ମହିଳା ଜଣଙ୍କ ବାରମ୍ବାର ଟଙ୍କା ଫେରସ୍ତ ପାଇଁ କହିବାରୁ ବିଲ୍ଡର ତାଙ୍କୁ କିଛି ଚେକ ଦେଇଥିଲେ। ତାହା ବ୍ୟାଙ୍କରେ ଜମା କରିବା ବେଳେ ବିଲ୍ଡରଙ୍କ ଆକାଉଣ୍ଟରେ ଟଙ୍କା ନ ଥିବା ଦର୍ଶାଇ ବ୍ୟାଙ୍କ ଚେକ ଗୁଡିକୁ ବାଉନ୍ସ କରିଦେଇଥିଲେ। ଟଙ୍କା ନ ପାଇ ମହିଳା ଜଣଙ୍କ ନିରାଶ ହେବା ସହ ଠକେଇର ଶିକାର ହୋଇଥିବା ଜାଣି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ନଂ.୪୨୩/୨୩ରେ ମାମଲା ରୁଜୁ ହୋଇଛି।

## ୧୯୪ ବିଦ୍ୟାଳୟରେ ପାଳନ ହେବନି ଗୁରୁଦିବସ

**ବ୍ରହ୍ମପୁର, ୪।୯ (ସୁବାସ ଚନ୍ଦ୍ର ପାଢ଼ୀ)**

**ଗଞ୍ଜାମ ଜିଲା**

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଦ୍ୱାରା ଅନୁବନ୍ଧିତ ବ୍ଲକ ଗ୍ରାଣ୍ଟ ସ୍କୁଲ ଶିକ୍ଷକମାନେ ସାରା ରାଜ୍ୟରେ ଗୁରୁ ଦିବସରେ ବିଦ୍ୟାଳୟ ବନ୍ଦ କରି କଳାବ୍ୟାଜ ପରିଧାନ କରି ନିଜ ହକ ପାଇଁ ଭୁବନେଶ୍ୱର ଯାଇ ମର୍ଯ୍ୟାଦା ଦିବସ ପାଳନ କରିବେ। ଗଞ୍ଜାମ ଜିଲାର ୨୨ଟି ବ୍ଲକରେ ଥିବା ୧୯୪ଟି ଏପରି ବିଦ୍ୟାଳୟର ୧୦୦୭ ଜଣ ଶିକ୍ଷୟତ୍ରୀ, ଶିକ୍ଷକ, କର୍ମଚାରୀ ସ୍କୁଲ ବନ୍ଦ କରି ଭୁବେନେଶ୍ୱର ଯିବା ନିମନ୍ତେ ସ୍ଥିର କରିଛନ୍ତି। ରାଜ୍ୟ ସରକାର ଏହି ଶିକ୍ଷକ ମାନଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ତାହା ପାଳନ କରୁ ନ ଥିବା ହେତୁ ଶିକ୍ଷକ ଓ କର୍ମଚାରୀ ସଂଘ ସ୍କୁଲ ବନ୍ଦ ଡାକରା ଦେଇଛନ୍ତି। ଯଦି ରାଜ୍ୟ ସରକାର ଦାବି ଗୁଡିକ ଶୀଘ୍ର ପୂରଣ ନକରନ୍ତି ତେବେ ଆଗାମୀ ୨୨ ତାରିଖରୁ ସମସ୍ତ ବିଦ୍ୟାଳୟର ଅଭିଭାବକ, ବିଦ୍ୟାର୍ଥୀ, ପରିଚାଳନା କମିଟି ଏବଂ କିଛି ଜନ ପ୍ରତିନିଧି ସମୂହ ମିଶି ବିଧାନସଭା ଘେରାଉ କରିବେ ବୋଲି ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାସ ଏବଂ ଓଷ୍ଟା ର ବ୍ଲକ ସଭାପତି ତାରାପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି।

# ବିଶ୍ୱବ୍ୟାଙ୍କର ୬ ଜଣିଆ ଟିମ୍‌ଙ୍କ ପରିଦର୍ଶନ

**ବ୍ରହ୍ମପୁର,୪।୯(ତନୁଶ୍ରୀ ନାହାକ)**

ବିଶ୍ୱବ୍ୟାଙ୍କ ପକ୍ଷରୁ ୬ଜଣିଆ ଟିମ୍ ସୋମବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଶ୍ୱବ୍ୟାଙ୍କ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ନିମନ୍ତେ ମିଳିଥିବା ଅନୁଦାନ ରାଶି କେତେଦୂର କାର୍ଯ୍ୟରେ ଲାଗିଛି ଓ ଆଉ କେତେ କାର୍ଯ୍ୟ ବାକି ରହିଛି ଟିମ୍ ତାହାର ସମୀକ୍ଷା କରିଥିଲେ। ଏହି ଟିମରେ ବିଶ୍ୱବ୍ୟାଙ୍କ ପକ୍ଷରୁ ସଙ୍ଗୀତା ଦେ, ପପିଆ ଭଟ୍ଟାଚାର୍ଯ୍ୟ, ରାଜୀବ ଅଗ୍ରୱାଲ, ମେନକା ଚାଞ୍ଚଲ, ଡ୍ରେନିସ ନିକୋଲାସ, ସଙ୍ଗୀତା ଗୋଲେ ପ୍ରମୁଖ ଥିଲେ। ଟିମ୍‌ର ପରିଦର୍ଶନ ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଓ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜି କାଉନସିଲ ଚେୟାରମ୍ୟାନ ସୁଶାନ୍ତ ବରାଳ ପ୍ରମୁଖ ଉପସ୍ଥିତ ରହିଥିଲେ।



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଆସିଥିବା ବିଶ୍ୱବ୍ୟାଙ୍କ ଟିମ୍।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବିଶ୍ୱବ୍ୟାଙ୍କ ଟିମ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଯାନ୍ତ୍ରୀକ କେନ୍ଦ୍ର, ନୂତନ କୋଠା, ଜେଏମସି କୋଠାର ଅନୁଧ୍ୟାନ କରିଥିଲେ। ଏହା ପରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ମୀନାକ୍ଷୀ ନଗର ଠାରେ ନିର୍ମାଣଧୀନ ଥିବା ମହାମାୟୀ ମହିଳା ମହାବିଦ୍ୟାଳୟର ନୂତନ କୋଠା କାମ ମଧ୍ୟ ତଦାରଖ କରିଥିଲେ।

# ହାତୀପଲ ଉପଦ୍ରବ, ମକା ସହ ଧାନ ଫସଲ ନଷ୍ଟ

**ବୁଗୁଡ଼ା,୪।୯(କାଳି ଚରଣ ଦାଶ)**

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ତାକରଡ଼ା ଗ୍ରାମରେ ୧୩ ଟିକିଆ ହାତୀପଲ ବ୍ୟାପକ ମକା ଫସଲ ନଷ୍ଟ କରିଛନ୍ତି। ଶନିବାର ମଧ୍ୟରାତ୍ରରେ ହାତୀପଲ ତାକରଡା ଗାଁର ବିଭିନ୍ନ ମକା କିଆରିରେ ପଶି ଫସଲ ନଷ୍ଟ କରିବା ସହ ବିକ୍ରି ପାଇଁ ତୋଳାଯାଇ ଗଦାକରି ରଖାଯାଇଥିବା ମକାଗୁଡିକୁ ଖାଇ ଦେଇଛନ୍ତି। ଏଥିସହ ଗାଁ ମୁହାଁ ହାତୀପଲ କିଛି ଚାଷୀଙ୍କ ଧାନ ବିଲ ଦେଇ ଆସିଥିବାରୁ ସେମାନଙ୍କ ଧାନ ତଳିକୁ ମଧ୍ୟ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ଏ ନେଇ ତାକରଡା ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ସନ୍ନ୍ୟାସୀ ପ୍ରଧାନ ରବିବାର ମାଣିତରା ଫରେଷ୍ଟ ସେକ୍ସନରେ ଅଭିଯୋଗ କରିଥିବା ବେଳେ ସୋମବାର ଫରେଷ୍ଟର ସୁନୀତା ପାତ୍ର ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଫେରିଛନ୍ତି। ସୂଚନାଯୋଗ୍ୟ,



ନଷ୍ଟ ହୋଇଥିବା ମକା ଫସଲ।

ଏହି ୧୩ ଟିକିଆ ହାତୀପଲରେ ୩ଟି ମାଈ ଓ ଅଣ୍ଡିରା ହାତୀ ଏବଂ ୭ଟି ଛୁଆ ହାତୀ ରହିଥିବା ବେଳେ ଏମାନେ ଓଡଗାଁ ଜଙ୍ଗଲରୁ ପ୍ରଥମେ ପଞ୍ଚଭୁତି ଜଙ୍ଗଲ ଏବଂ ପରେ ମାଣିତରାର ସେନାପତି ଜଙ୍ଗଲ ଦେଇ ତାକରଡାରେ ପ୍ରବେଶ କରି ଉପଦ୍ରବ ମଚାଇ ସଂପ୍ରତି ସମଲେଇ ଜଙ୍ଗଲରେ ରହିଥିବାରୁ ପୁଣି କେତେବେଳେ ସେମାନେ ଫେରିଆସି ଫସଲ ନଷ୍ଟ କରିଦେବା ଭୟରେ ଚାଷୀମାନେ ନିଆଁ ହୁଳା ଓ ବାଣ ଧରି ରାତି ଉଜାଗର ରହୁଥିବା ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନଙ୍କଠାରୁ ଜଣାଯାଇଛି।

# ବିଦ୍ୟୁତ୍ ବିଲ୍ ସଂଗ୍ରହକାରୀଙ୍କ ସତ୍ୟତା ଯାଞ୍ଚ କରିବାକୁ ପରାମର୍ଶ

**ବ୍ରହ୍ମପୁର, ୪।୯ (ସ୍ମୃତି ରଞ୍ଜନ ମହାଲିକ)**

ଗ୍ରାହକ ସଂଖ୍ୟା, ବକେୟା ଦେୟ ଓ ଧାର୍ଯ୍ୟ ତାରିଖ ଆଦି ପଚାରି ବିଲ ସଂଗ୍ରହକାରୀଙ୍କ ସତ୍ୟତା ଯାଞ୍ଚ କରିବା ପାଇଁ ଟିପିଏସଓଡିଏଲ ପକ୍ଷରୁ ଗ୍ରାହକଙ୍କୁ ପରାମର୍ଶ ଦିଆଯାଇଛି। ଏହି ସୂଚନାଗୁଡିକ ସ୍ୱୀକୃତିପ୍ରାପ୍ତ ବିଲ ସଂଗ୍ରହକାରୀଙ୍କ ନିକଟରେ ଉପଲବ୍ଧ ରହିବ। ଯଦି କିଛି ସନ୍ଦେହ ଜନକ ଦେଖାଯାଏ, ତେବେ ଉପଭୋକ୍ତା ତୁରନ୍ତ ଟିପିଏସଓଡିଏଲର ୨୪ ଘଣ୍ଟିଆ ଦେୟମୁକ୍ତ ହେଲ୍ପ ଲାଇନ ନଂ ୧୮୦୦୩୪୫୬୭୯୭ରେ ଯୋଗାଯୋଗ କରିବାକୁ କମ୍ପାନୀ ପକ୍ଷରୁ କୁହାଯାଇଛି। କିଛିଦିନ ତଳେ ମାଲକାନଗିରି ଡିଭିଜନରେ ଜଣେ ବ୍ୟକ୍ତି ବିଲ ସଂଗ୍ରହ ପାଇଁ ନକଲି ମେଶିନ ବ୍ୟବହାର କରି ରସିଦ ଜାରି କରିଥିବା ଅଭିଯୋଗ ହୋଇଥିଲା। ଏହି ରସିଦ ଗୁଡିକରେ ଉପଭୋକ୍ତା ସଂଖ୍ୟା ଟିପିଏସଓଡିଏଲର ଲୋଗୋ ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ନ ଥିଲା। ଯାହାକୁ ନେଇ ଟିପିଏସଓଡିଏଲ ପକ୍ଷରୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଟିପିଏସଓଡିଏଲ ସିଇଓ ଅମିତ ଗର୍ଗ କହିଛନ୍ତି, ଗ୍ରାହକଙ୍କ ସୁରକ୍ଷା ପାଇଁ ଠକଙ୍କ କାର୍ଯ୍ୟ କଳାପ ଉପରେ ନଜର ରଖିଛୁ। ବିଦ୍ୟୁତ ଦେୟ ପାଇଁ କେବଳ ଅନୁମୋଦିତ ମାଧ୍ୟମ ଓ ପ୍ଲାଟଫର୍ମ ଗ୍ରାହକମାନେ ବ୍ୟବହାର କରନ୍ତୁ। ଟିପିଏସଓଡିଏଲର ବୈଧ ରସିଦ ବିନା ଦେୟ ଦେବାଠାରୁ ଦୂରେଇ ରହିବା ସହ ଘଟଣା ବିଷୟ ଟିପିଏସଓଡିଏଲ ଅଧିକାରୀଙ୍କୁ ତୁରନ୍ତ ଜଣାଇବା ପାଇଁ ସିଇଓ କହିଛନ୍ତି।

## ବାଇକ୍ ମୁହାଁମୁହିଁ: ବାପା ଗୁରୁତର, ଝିଅ ଆହତ

**ଜି.ଉଦୟଗିରି,୪।୯(ଶିଶିର ପଟ୍ଟନାୟକ)**

ସୋମବାର ସକାଳ ପଦାସାହି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାପ, ଝିଅ ଗୁରୁତର ଆହତ ହୋଇଛନ୍ତି। ଡୁଗୁଡ଼ି ବାସିନ୍ଦା ରବି ଗୌଡ଼ (୪୦) ନିଜର ବାଇକରେ ବଡ଼ ପୁଅକୁ ପଦାସାହି ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ନିମନ୍ତେ ଛାଡିବାକୁ ଯାଇଥିଲେ। ସାଥିରେ ତାଙ୍କ ସାନ ଝିଅ ଲିପ୍ସା (୪) ମଧ୍ୟ ଯାଇ ଥିଲେ। ପୁଅକୁ ସ୍କୁଲ ସମ୍ମୁଖରେ ଛାଡୁଥିବା ବେଳେ ପଛପଟୁ ଏକ ବାଇକ୍ ଆସି ଧକ୍କା ଦେଇଥିଲା। ଫଳରେ ବାପା ଝିଅ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଣାଯାଇ ଥିବା ବେଳେ ରବିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ଫୁଲବାଣୀ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ସ୍ଥଳରେ ପୋଲିସ ଏସଆଇ ବିନୟ ମହାରଣା ଦୁଇଟି ବାଇକ ଜବତ କରି ତଦନ୍ତ ଚଳାଇଛନ୍ତି।

# ‘ନିରୋଗ ସ୍ୱାସ୍ଥ୍ୟ ପାଇଁ ମାଟିପାତ୍ର ବ୍ୟବହାର ଜରୁରୀ’

**ବ୍ରହ୍ମପୁର,୪।୯(ସ୍ମୃତି ରଞ୍ଜନ ମହାଲିକ)**

ମାଟି ପାତ୍ରରେ ଖାଦ୍ୟ ରାନ୍ଧିବା ଓ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ମାଟି ପାତ୍ରର ପ୍ରଚାର ଓ ପ୍ରସାର ପାଇଁ ମାଟିରେ ତିଆରି ବିଭିନ୍ନ ସାମଗ୍ରୀକୁ ବ୍ରହ୍ମପୁରର ଜଣେ ସାମାଜିକ କର୍ମୀ ଅନ୍ୟମାନଙ୍କୁ ଉପହାର ସ୍ୱରୂପ ଦେଇ କୁମ୍ଭକାରଙ୍କ ଥଇଥାନଙ୍କ ପାଇଁ ସର୍ବଦା ଚେଷ୍ଟିତ। ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି ସମାଜିକ କର୍ମୀ ସରିତା ପଣ୍ଡା ଲାଞ୍ଜିପଲୀଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାରେ ମାଟି ପାତ୍ର ଶିଳ୍ପ ନିର୍ମାଣ ହେଲେ ବହୁ ଯୁବ ପିଢୀ ଉପକୃତ ହୋଇପାରିବେ। ବର୍ତ୍ତମାନ ମାଟି ପାତ୍ରରେ ଆମିଷ ପ୍ରସ୍ତୁତକାରୀ ଖାଦ୍ୟର ଚାହିଦା ଅଧିକ ରହିଛି। ମାଟି ପାତ୍ର ଫ୍ରିଜ ଓ ଆକ୍ୱାଗାର୍ଡ ଭଳି କାମ ଦେଇଥାଏ। ମାଠିଆ ପାଣି ବ୍ୟବହାର



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସାମାଜିକ କର୍ମୀ ଓ ଅନ୍ୟମାନେ।

କରିବା ଦ୍ୱାରା ଶରୀର ନିରୋଗ ରହିଥାଏ। ଏଥିସହ ମନ୍ଦିରରେ ଫିଙ୍ଗି ଦିଆଯାଉଥିବା ବେଲ ପତ୍ର ଓ କମଳା ଚୋପାରୁ ବିଭିନ୍ନ ପାଉଡର ପ୍ରସ୍ତୁତ କରାଯାଇପାରିବ। ଏଭଳି କାର୍ଯ୍ୟରେ ମହିଳାଙ୍କୁ ନିୟୋଜିତ କରାଗଲେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ଆଗାମୀ ଦିନରେ ସରକାରୀ ପ୍ରୋତ୍ସାହନ ମିଳିଲେ ଏ ସବୁ କ୍ଷେତ୍ରରେ ଅଧିକ ଅଗ୍ରସର ହୋଇପାରିବେ ବୋଲି ସମାଜିକ କର୍ମୀ ସରିତା କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ସୁଶାନ୍ତ କର ଓ ଟୁକୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

